# Akashvani, Sambalpur

## SAMBALPURI NEWS BULLETIN

### 4 October 2023- 6.47- 6.52 am.

*************************************************

ମୌସୁମୀ ଅଧିବେଶନ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଓଡ଼ିଶା ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍ ଗୁଟେ ଦିନ୍ ଆଘୋନୁ ଗଲାକାଏଲ୍ ସରିଯାଇଛେ । ଅଧିବେଶନ୍‌ର ଶେଷ୍ ଦିନେ ୨୮ ହଜାର୍ ୨ ଶହ କୋଟି ଟଙ୍କାର୍ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ପାରିତ୍ ହେଇଛେ । ଇତାର୍‌ଛଡ଼ା ବିଧାନ୍‌ସଭାର୍ ଇ ମୌସୁମୀ ଅଧିବେଶନ୍‌ଥି ଆପାର୍ଟମେଂଟ୍ ମାଲିକାନା ଆଉ ପରିଚାଳନା ବିଲ୍, ଓଡ଼ିଶା ଚକବନ୍ଦୀ ଆଉ ଭୂମିର ବିଭକ୍ତକରଣ୍ ଆଉ ନିବାରଣ ବିଲ୍, ଏସ୍.ସି., ଏସ୍.ଟି. ସଂଶୋଧନ୍ ବିଲ୍, ଭୂ-ଅର୍ଜନ ପୁନର୍ବାସ ଆଉ ଥଇଥାନ୍ ସଂଶୋଧନ୍ ବିଲ୍ ପଛୁଆବର୍ଗ ଆୟୋଗ ସଂଶୋଧନ୍ ବିଲ୍ ବାଗିର୍ ୧୩ ଟା ବିଲ୍ ପାରିତ୍ କରାଯାଇଛେ ।

ସିଏଜି ରିପୋର୍ଟ-ଓଡ଼ିଶା          ଆର୍‌ଏନ୍‌ୟୁ ସମ୍ବଲପୁର୍

ଓଡ଼ିଶା ରାଜସ୍ୱ ଆଉ ଆର୍ଥିକ ଦୃଷ୍ଟିନୁ ଗୁଟେ ବଳକା ରାଜ୍ୟ ହେଇପାରିଛେ ବଲି ଗଲାକାଏଲ୍ ବିଧାନ୍‌ସଭା ନ ଅର୍ଥମନ୍ତ୍ରୀ ବିକ୍ରମ୍ କେଶରୀ ଆରୁଖ୍ ଉପସ୍ଥାପନ୍ କରିଥିବା ଭାରତ୍‌ର ଲେଖା ନିୟନ୍ତ୍ରକ ଆର୍ ମହାଲେଖା ପରିକ୍ଷକ-ସିଏଜିଙ୍କର୍ ରିପୋର୍ଟଥି କୁହାଯାଇଛେ । ରିପୋର୍ଟଥି ଅଦିନିଆ ବର୍ଷାଥି ଫସଲ୍ ନୁକ୍‌ସାନ୍ ହେଇଥିଲେ ଭିଲ୍ ରାଏଜେ କୃଷି କ୍ଷେତ୍ର ନ ଅଭିବୃଦ୍ଧି ହେଇଥିବାର୍ ଦର୍ଶାଯାଇଛେ । ଇତାର୍‌ଛଡ଼ା ରିପୋର୍ଟଥି କୁହାଯାଇଛେ ଯେ, ୨୦୨୧-୨୨ ଆର୍ଥିକ୍ ବଛ୍‌ରେ ରାଜ୍ୟର୍ ମୋଟ୍ ଘରୋଇ ଉତ୍ପାଦ-ଜିଏସ୍‌ଡିପି ର ମୂଲ୍ୟ ୬ ଲାଖ୍ ୩୮ ହଜାର୍ ୩ ଶହ ୪୨ କୋଟି ଟଙ୍କା ରହିଥିବାର୍ ବେଲେ ତାର୍ ଆଘର୍ ବଛର୍‌ଠାନୁ ଅଭିବୃଦ୍ଧି ହାର ୧୭ ଦଶ୍‌ମିକ୍ ୫/୮ ପ୍ରତିଶତ୍ ରହିଥିଲା । ୨୦୨୧-୨୨ ବଛ୍‌ରେ ଜିଏସ୍‌ଡିପିକେ ସେବା କ୍ଷେତ୍ରର୍ ଯୋଗଦାନ୍ ସବୁନୁ ଅଏତ୍‌କା ୩୪ ଦଶ୍‌ମିକ୍ ୬/୭ ପ୍ରତିଶତ୍ ରହିଥିଲା । ସେନ୍ତା ଶିଳ୍ପ କ୍ଷେତ୍ରର୍ ଯୋଗଦାନ୍ ୩୪ ଦଶମିକ୍ ୩/୫ ପ୍ରତିଶତ୍ ଆଉ କୃଷି କ୍ଷେତ୍ରର୍ ଯୋଗଦାନ୍ ୧୭ ଦଶ୍‌ମିକ ୯/୧ ପ୍ରତିଶତ୍ ରହିଥିଲା ।

ମନ୍ କି ବାତ୍- ୯ ବଛର        ଆର୍‌ଏନ୍‌ୟୁ ସମ୍ବଲପୁର୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ମାସ୍‌କିଆ ରେଡ଼ିଓ କାର୍ଯ୍ୟକ୍ରମ୍ ମନ୍ କି ବାତ୍‌କେ ଗଲାକାଏଲ୍ ୯ ବଛର୍ ପୁରିଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ର କେତେଟା ବିଷୟ ଆର୍ ତାର୍ ପ୍ରଭାବ୍ ଉପ୍‌ରେ ଭାରତୀୟ ଷ୍ଟେଟ୍‌ବେଙ୍କ୍ ଆଉ ଆଇଆଇଏମ୍ ବେଙ୍ଗାଲୁରୁ ତର୍‌ଫୁ କରାଯାଇଥିବା ଗୁଟେ ଅଧ୍ୟୟନ୍‌କେ ସାମାଜିକ୍ ଗଣମାଧ୍ୟମ୍‌ଥି ସେୟାର୍ କରିଛନ୍ ।

ହାଇକୋର୍ଟ ମୁଖ୍ୟ ବିଚାର୍‌ପତି ଆର୍‌ଏନ୍‌ୟୁ ସମ୍ବଲପୁର୍

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ସୁଭାଶିଷ ତଲାପତ୍ର ଗଲାକାଏଲ୍ କାର୍ଯ୍ୟନୁ ଅବସର ନେଇଛନ୍ । ଜଷ୍ଟିସ୍ ତଲାପତ୍ର ଗଲା ଅଗଷ୍ଟ ୮ ତାରିଖ୍ ଦିନ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଭାବେ ଦାୟିତ୍ୱ ନେଇଥିଲେ । ସେ ୫୭ ଦିନ୍ ଓଡ଼ିଶା ହାଇକୋର୍ଟର ମୁଖ ବିଚାର୍‌ପତି ଭାବେ କାମ୍ କରିଛନ୍ । ଆଏଜ୍ ବରିଷ୍ଠ ବିଚାର୍‌ପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ୍ ଷଡ଼ଙ୍ଗୀ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାର୍‌ପତି ଭାବେ ଦାୟିତ୍ୱ ନେବେ ବଲି କେନ୍ଦ୍ର ଆଇନ୍ ନ୍ୟାୟ ମନ୍ତ୍ରଣାଳୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ସିଏଚ୍ଏସ୍ସି ଯୁକ୍ତ ଦୁଇ ଆର୍ଏନ୍ୟୁ ସମ୍ବଲପୁର୍

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍-ସିଏଚ୍ଏସ୍ସି ର ଯୁକ୍ତ ଦୁଇ କଳା, ବାଣିଜ୍ୟ, ବିଜ୍ଞାନ୍ ଆଉ ଧନ୍ଦାମୂଳକ୍ ପାଠ୍ୟକ୍ରମ୍ର ପରୀକ୍ଷା ଆଏବା ବଛର୍ ଫେବୃଆରୀ ୧୪ ତାରିଖ୍ନୁ ମୁଲ୍ ହେଇକରି ମାର୍ଚ୍ଚ ୧୩ ତାରିଖ୍ ଦିନ ସର୍ବା । ଜାନୁଆରୀ ମାସର୍ ୨ ନମ୍ବର୍ ହପ୍ତାତକ୍ ପରୀକ୍ଷାସୂଚୀ ବାହାର୍ବା ବଲି ସିଏଚ୍ଏସ୍ସି ତର୍ଫୁ କୁହାଯାଇଛେ । ସୂଚ୍ନା ଅନ୍ସାରେ ଆଏବା ନଭେମ୍ବର୍ ୨୧ ନୁ ୨୯ ତାରିଖ୍ତକ୍ ରେଗୁଲାର୍ ଛାତ୍ରଛାତ୍ରୀଙ୍କର୍ ଫର୍ମପୂରଣ୍ ହେବା । ଡିସେମ୍ବର୍ ୧ ନୁ ୭ ତାରିଖ୍ ଭିତ୍ରେ ଜରିମାନା ଦେଇକରି ଫର୍ମ ପୂରଣ୍ କରାଯାଇପାର୍ବା । ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀଙ୍କର୍ ଫର୍ମ ପୂରଣ୍ ଶେଷ୍ ହେଇଥିବାର୍ ବେଲେ ସେମାନେ ଆଏବା କାଏଲ୍ନୁ ୭ ତାରିଖ୍ ଭିତ୍ରେ ୪ ଶହ ୫୦ ଟଙ୍କା ଜରିମାନା ଦେଇକରି ଫର୍ମ ପୂରଣ୍ କରିପାର୍ବେ ।

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ-ନାଁଲେଖା ଆର୍ଏନ୍ୟୁ ସମ୍ବଲପୁର୍

ରାଜ୍ୟର୍ ଭିନ୍ ଭିନ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟମାନ୍‌କେ ଯୁକ୍ତ ଦୁଇ ଶ୍ରେଣୀର୍ ଖାଲିଥିବା ସିଟ୍‌ଥି ୩ ନମ୍ବର୍ ଖେପ୍ ନାଁଲେଖା ପ୍ରକ୍ରିୟା ହେବା । ଆଏଜ୍‌ଠାନୁ ୮ ତାରିଖ୍ ଭିତ୍‌ରେ ଛାତ୍ରଛାତ୍ରୀମାନେ ନାଁ ଲେଖାବାର୍‌କେ ଆବେଦନ୍ କରିପାର୍‌ବେ । ୧୧ ତାରିଖ୍ ଦିନ ନାଁଲେଖାର୍ ଲାଗି ମେଧା ତାଲିକା ବାହାର୍‌ବା ଆଉ ୧୩ ଆଉ ୧୪ ତାରିଖ୍ ଦିନ ନାଁଲେଖା ହେବା ବଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ବିଜ୍ଞପ୍ତି ପ୍ରକାଶ୍ ପାଇଛେ ।

ବିଶ୍ୱ ପ୍ରାଣୀ ଦିବସ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ବିଶ୍ୱ ପ୍ରାଣୀ ଦିବସ୍ । ସାରା ପୁର୍‌ଥି ନ ଜୀବଜନ୍ତୁମାନ୍‌କର୍ କଲ୍ୟାଣ୍ ଲାଗି ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍‌କେ ୧୯୨୯ ମସିହାନୁ ଇ ଦିନ୍ ପାଲନ୍ କରାଯାଉଛେ । ପରିବେଶ୍‌ର ସନ୍ତୁଲନ୍ ଲାଗି ପ୍ରାଣୀମାନ୍‌କର୍ ସୁରକ୍ଷା ଆଉ ସଂରକ୍ଷଣ୍ ଲାଗି ପାଲନ୍ କରାଯାଉଥିବା ବିଶ୍ୱ ପ୍ରାଣୀ ଦିବସ୍‌ର ଇ ବଛରର୍ ବିଷେ ରଖାଯାଇଛେ ‘ଛୋଟ୍ ହେଉକି ବଡ଼୍, ସମ୍‌କୁ ଶର୍‌ଧା କର’ । ହେଥି ଜୀବଜନ୍ତୁମାନ୍‌କର୍ ଯତନ୍ ନେଲା ବେଲ୍‌କେ ସେମାନ୍‌କର୍ ଆକାର୍ ଆର୍ ବିଶେଷତାକେ ବିଚାର୍‌କେ ନାଇଁ ନେବାର୍ କଥା ବଲି ବାର୍ତ୍ତା ଦିଆଯାଇଛେ ।

ଆନ୍ତର୍ଜାତିୟ ମିଲେଟ୍ ବଛର ଝାର୍ସୁଗୁଡ଼ା ସମ୍ବାଦଦାତା

ଆନ୍ତର୍ଜାତିୟ ମିଲେଟ୍ ବଛର୍ ଅବ୍ସରେ ଝାର୍ସୁଗୁଡ଼ା ନ ପୁଷ୍ଟିଶସ୍ୟ ସଚେତନତା ରଥର ଶୁଭାରମ୍ଭ କରାଯାଇଛେ । ଜିଲ୍ଲାପାଲ୍ ଅବୋଲି ସୁନୀଲ୍ ନର୍ୱଣେ୍ ପତାକା ଦେଖେଇକରି ରଥର୍ ଉଦ୍‌ଘାଟନ୍ କରିଥିଲେ । ଇ ରଥ ଜିଲ୍ଲାର୍ ସବୁ ଇଲାକାକେ ଯାଇକରି ଚାଷୀମାନ୍‌କୁ ମଡ଼ିଆ, କୋଦୋ ବାଗିର୍ ପୁଷ୍ଟିଶସ୍ୟ ଚାଷ୍ ଉପ୍‌ରେ ସଚେତନ୍ କର୍‌ବା ।

ସ୍ୱଚ୍ଛତା ହିଁ ସେବା-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ମର୍ଜାକୁଦ ସେତୁ ଛକ ନ ଜିଲ୍ଲା ପୁଲିସ୍ ତର୍‌ଫୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍ ହେଇଯାଇଛେ । ହେଥି ପୁଲିସ୍ ଅଧିକାରୀ ଆର୍ କର୍ମଚାରୀମାନେ ଭାଗ୍ ନେଇକରି ମର୍ଜାକୁଦ ସେତୁ ଛକ୍ ଇଲାକାର୍ ସଫେଇ କରିଥିଲେ ।

ଜନଶୁଣାଣି ଶିବିର ବୌଦ୍ଧ/ନୂଆପଡ଼ା/ଦେବ୍‌ଗଡ଼୍ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ହର୍‌ଭଙ୍ଗା ବ୍ଲକ୍ ସଦର୍‌ମହକୁମା ଚାର୍‌ଛକ୍ ନ ଗଲାକାଏଲ୍ ହେଇଥିବା ଜନଶୁଣାଣି ଶିବିର ନ ମୋଟ୍ ୭୮ ଟା ଆପତି ଅଭିଯୋଗ୍‌ନୁ ୬୨ ଟାର ତୁର୍‌ତି ଫଇସଲା କରାଯାଇଥିଲା । ଜିଲ୍ଲାପାଲ୍ ନୃସିଂହ ଚରଣ୍ ସ୍ୱାଇଁ ଆର୍ ଏସ୍.ପି. ରାଜ୍‌ପ୍ରସାଦ୍‌ଙ୍କର୍ ଉପସ୍ଥିତିଥି ହେଇଥିବା ଶିବିରଥି ୩୨ ଝନ୍‌କୁ ମୁଖ୍ୟମନ୍ତ୍ରୀଙ୍କର୍ ରିଲିଫ୍ ପାଣ୍ଠିନୁ ମୋଟ୍ ୨ ଲାଖ୍ ୪୨ ହଜାର୍ ଟଙ୍କାର୍ ସାହାଜ୍ ଦିଆଯାଇଛେ ।

ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲାପାଲ୍ ହେମକାନ୍ତ ସାଏ ଆର୍ ଏସ୍.ପି. ରାଘବେନ୍ଦ୍ର ଗୁନ୍ଦାଲା ରେଡ୍ଡୀ ଯୁଗ୍ମ ଅଭିଯୋଗ୍ ଶୁଣାଣି କରିଥିଲେ । ହେଥି ୪୨ ଟା ଆପତି ଅଭିଯୋଗ୍‌ର ଶୁଣାଣି କରାଯାଇଥିଲା ।

ସେନ୍ତା ଦେବ୍‌ଗଡ଼୍ ଜିଲ୍ଲାପାଲ୍ ସୋମେଶ୍ କୁମାର୍ ଉପାଧ୍ୟାୟଙ୍କର୍ କାର୍ଯ୍ୟାଳୟର୍ ସମ୍ମିଲନୀ କକ୍ଷ ନ ଯୁଗ୍ମ ଅଭିଯୋଗ୍ ଶୁଣାଣି ହେଇଥିଲା । ହେଥି ୧୨ ଟା ଅଭିଯୋଗ୍‌ର ଶୁଣାଣି କରାଯାଇଥିଲା ।